# ପ୍ରମେୟ

## ତାରିଖ: ୧୮.୦୨.୨୦୧୯

### ବିଆଇଆଇଟିଏମ୍‌ରେ 'ବି ଫେଷ୍ଟ-୨୦୧୯'

# ଜଲ୍‌ୱା ଦେଖାଇଲେ ମଡେଲ୍

ଭୁବନେଶ୍ୱର,୧୭।୨(ବ୍ୟୁରୋ): କେତେବେଳେ ଜିନ୍ସ ତ ଆଉ କେତେବେଳେ ଲେହେଙ୍ଗା। ପୁଣି ମଝିରେ ମଝିରେ ଘାଗରା ଆଉ ଶାଢ଼ି ପିନ୍ଧି ଜଣଙ୍କ ପରେ ଜଣେ ଓହ୍ଲାଉଥିଲେ ମଞ୍ଚକୁ। ଡିଜେର ତାଳେ ତାଳେ ର୍‍ୟାମ୍ପ ୱାକ୍ କରି ଜଲ୍‌ୱା ଦେଖାଉଥିଲେ ମଡେଲ୍। ଅବସର ଥିଲା ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ (ବିଆଇଆଇଟିଏମ୍)ରେ ଅନୁଷ୍ଠିତ 'ବି ଫେଷ୍ଟ-୨୦୧୯'। ଏଥିରେ ୪୨ଟି ବି-ସ୍କୁଲର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ବିଜ ଥ୍ୱିଜ୍, ଷ୍ଟକ୍ ବ୍ୟାଟେଲ, କେସ୍ ଷ୍ଟଡି, ମ୍ୟାଡ ଆଡ୍, ଡ୍ୟାନ୍ସ, ସଙ୍ଗ, ର୍‍ୟାମ୍ପ ସୋର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଓପିଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡା. ଅମୀୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଡବ୍ଲ୍ୟୁଏଡବ୍ଲ୍ୟୁ



ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହୋମ୍ ଇଣ୍ଡିଷ୍ଟ୍ରିଜ୍ ଉପାଧ୍ୟାୟ ସଞ୍ଜୀବ ଗୁପ୍ତା ଓ ଯୁରୋଲିଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ ଯୋଗ ଦେଇଥିଲେ। ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପ୍ରତାପ କୁମାର ବଳବନ୍ତରାୟ ଏହାର ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଡା. ପିକେ ତ୍ରିପାଠୀ ଓ ଶୁଭାଶିଷ ମହାନ୍ତି ଏହାର ପରିଚାଳନା ଦାୟିତ୍ୱରେ ଥିଲେ।